# ସପ୍ତମ ପରିଚ୍ଛେଦ

**ବୁଢ଼ୀ ମଙ୍ଗଳା :**

'' ଯା ଦେବୀ ବୃକ୍ଷମୂଳେସୁ ଶିଳାରୂପେଣ ସଂସ୍ଥିତା ,
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈନମୋନମଃ ।
ମୃତ୍ତିକାଶ୍ବଗଜାରୂଢା ବନ୍ଧ୍ୟାୟାଃ ପୁତ୍ରଦାୟିନୀ ,
ବାଡିସଂହାରିଣୀ ଦେବି ନାରାୟଣି ନମୋଽସ୍ତୁତେ ।''

ଅସୁରଦିଘିର ପଶ୍ଚିମକୋଣ ଗାଆଁ ଭିତରୁ ଦିଘିକୁ ଯିବା ବାଟର ଡାହାଣୀ ହାତ ପାଖରେ ଗୋଟିଏ ଭାରି ବରଗଛ ଅଛି । ଗଛମୂଳର ଚିହ୍ନ ନାହିଁ, କୋଡିଏ ପଚିଶ ଗୋଟା ଓର ପଡି ଡାଳଗୁଡିକ ପରସ୍ପର ଛନ୍ଦାଛନ୍ଦି ହୋଇ ଗଛଟି ପ୍ରାୟ ବାର ତେରଗୁଣ୍ଠ ଜମି ମାଡି ବସିଅଛି । ସାନ ସାନ ଡାଳ ପତ୍ରଗୁଡିକ ଏପରି ନିଘଞ୍ଚ ହୋଇଅଛି ଯେ , ଖରା ତେଜ ମୂଳକୁ ବାଜେ ନାହିଁ । ଗଛଟି ବହୁକାଳର । ପୁରୁଖା ପୁରୁଖା ଲୋକମାନେ କହନ୍ତି , ଏଇଟି ସତ୍ୟଯୁଗର ଠାକୁରାଣୀ ଗଛ । ସେମାନେ ପିଲାକାଳରୁ ଦେଖିଆସୁଛନ୍ତି , ଏହା ବଢିବାକୁ ବା ଛିଣ୍ଡିବାକୁ ନାହିଁ । ଗଲା ସାତଅଙ୍କ ତୁଳାମାସ ଉଆଁସ ଦିନ ଭାରି ଗୋଟାଏ ତୋଫାନ ହୋଇଥିଲା, ଗାଆଁର ସମସ୍ତ ସଜନାଗଛ ଓ କଦଳୀଗଛ ପ୍ରଭୃତି ଉପୁଡିଗଲା, ଏ ଗଛରୁ ଗୋଟିଏ ପତର ମଧ୍ୟ ଝଡିଲାନାହିଁ । ଠାକୁରାଣୀଙ୍କ ମହିମା ! ମଝିରେ ଚାରିଗୋଟି ଓର ଗଛପରି ଛିଡାହୋଇଅଛି, ତାହା ମୂଳରେ ଗ୍ରାମ ଦେବତୀଙ୍କ ଆସ୍ଥାନ । ଠାକୁରାଣୀଙ୍କ ନାମ ବୁଢ଼ୀମଙ୍ଗଳା । ମଙ୍ଗଳାଙ୍କର ଅଢ଼େଇମାଣ ଦେବୋତ୍ତର ଜମି ଅଛି । ବାରଗୁଣ୍ଠ ଆଠଗୁଣ୍ଠ ବିଜେ ଆସ୍ଥାନ ତଳି ବାକି ଦୁଇମାଣ ଜଳଜମି , ଦେଉରୀ ଭୋଗକରେ ଓ ଠାକୁରାଣୀ ପୂଜାକରେ । ଗ୍ରାମରେ ବିଶେଷରେ ମାଇକିନିଆମାନଙ୍କ ମଧ୍ୟରେ ଦେଉରୀର ଭାରି ମହିମା ।

ଠାକୁରାଣୀ ସ୍ବପ୍ନରେ ଦେଉରୀକୁ ଦେଖାଦିଅନ୍ତି , ସବୁ କଥାକହନ୍ତି । ବାଡିରେ କଦଳୀଟାଏ, ବାଇଗଣଟାଏ, କଖାରୁଟାଏ ଫଳିରେ ଆଗ ଫଳଟା ଠାକୁରାଣୀଙ୍କୁ ନ ଦେଲେ ସେ ଖାଏ ନାହିଁ । ମଣ୍ଡପଟି ପକ୍କାରେ ତୟାରି । ମଝିରେ

ଠାକୁରାଣୀଙ୍କର ନିଜ ମ୍‌ୂର୍ତ୍ତି । ମୂର୍ତ୍ତିଟି ଖୁବ୍ ବଡ, ଓଜନରେ ଦଶ ପଶୁରିରୁ ଊଣା ହେବ ନାହିଁ, ଦୁଇ ଚାରିଟା ହଳଦୀଶିଳ ମିଶିଲେ ଯେତେ ବଡ ତହିଁରୁ ବଳିପଡିବ । ଗୋଟାଯାକ ଚାରିଆଙ୍ଗୁଳି ବହଳ ସିନ୍ଦୁରବୋଳା । ବଡ ଠାକୁରଣୀଙ୍କୁ ଛାଡି ଆଉ ଚାରିଗୋଟିର ସାନ ମୂର୍ତ୍ତି ଅଛନ୍ତି । ମଣ୍ଡପ ଡାହାଣ ଭାଗରେ କିଛିଦୂରରେ ଭଙ୍ଗା , ଦଦରା, ଦଢ ମାଟିର ହାତୀ, ଘୋଡା ପଣେ କି ଦୁଇପଣ ଜମା ହୋଇଅଛି । ଠାକୁରାଣୀଙ୍କୁ ମାଟିର ହାତୀ ବା ଘୋଡା ଚଢିବାକୁ ଦେଲେ ପିଲାମାନଙ୍କର ପୀଡା ଛାଡିଯାଏ । ବଡ ବଡ ଲୋକଙ୍କର ପୀଡା ଛାଡିବାର ମଧ ଦେଖା ଶୁଣା ଅଛି । ଏଥିସକାଶେ ଠାକୁରାଣୀଙ୍କ ଜାଗା କେଭେଁ ଖାଲିଥାଏ ନାହିଁ । ଦେବୀଙ୍କର ପୂଜା ପ୍ରତିଦିନ ହୁଏ ନାହିଁ । ଶୁଖିଲାପତ୍ର ଆଉ ଅଳିଆରେ ଢ଼ାଙ୍କି ହୋଇଥାନ୍ତି । ବିଭା, ପୁହାଣିଘର କାହାରି ପୁଅଝିଅର ବେରାମ ଆରାମ ହେଲେ କିମ୍ବା କାହାରି ମାନସିକ ଥିଲେ ପୂଜା ହୁଏ । ଗାଁରେ ବାଡିପଡିଲେ ପୁଜାର ଧୂମ୍ ଲାଗୁଥାଏ । କିରାଣିମାନଙ୍କ ପରି ମାସକୁ ମାସ ଠାକୁରାଣୀଙ୍କର ଆୟ ନାହିଁ । ବିପଦ ପଡିଲେ ଡାକ୍ତର ଆଉ ଓକିଲଙ୍କ ଦୁଆରପରି ଠାକୁରାଣୀଙ୍କ ଆସ୍ଥାନ ଚମକିଉଠେ । ଗ୍ରାମର ଲୋକଙ୍କ ଭେଦା ପଇସାରେ ପୂଜାଖର୍ଚ୍ଚ ଚଲେ । ଠାକୁରାଣୀ ଭାରି ପ୍ରତ୍ୟକ୍ଷ ଦେବତା, ଏହାଙ୍କ ଅନୁଗ୍ରହରୁ ଗ୍ରାମରେ ଆପଦବିପଦ ଘଟେ ନାହିଁ । କେବେ କେବେ ମାଉସୀ ବୁଢ଼ୀ ପ୍ରବଳ ହୋଇ ଗ୍ରାମରେ ପଶିଯାଏ; ମାତ୍ର ଭଲକରି ପୂଜା ଦେଲେ ଶଏ ପଚାଶ ଜଣରୁ ବେଶି ନେଇପ୍‌ାରେନାହିଁଛାଡି ପଳାଏ । ଆପଣ ସଭ୍ୟ ପାଠକ, ଏ କଥା ଶୁଣି ହସିବେ, ବିଜ୍ଞାନଶାସ୍ତ୍ର ଯୋଖିଦେଇ କହିବେ, ରୋଗ ହେଲେ ଔଷଧ ଖାଅ, ଠାକୁରାଣୀଙ୍କର ପୂଜା କ'ଣ ? ଆଚ୍ଛା , ଆମ୍ଭେମାନେ ପଚାରୁଁ, ବଙ୍ଗଳା ଏପିଡେମିକ୍ ଫିଭର ଓ ବୋମ୍ବେ ବିଶେଷ ପୂଜା ପାଇବାର ଏହା ଗୋଟିଏ ବିଶେଷ କାରଣ ଅଟେ । କେଉଁ କେଉଁ ବା କେତେଜଣ ବନ୍ଧ୍ୟା ଦେବୀଙ୍କ ବରରୁ ପୁତ୍ରଲାଭ କରିଅଛନ୍ତି ; ସେଥିରେ ବିଶେଷ ଡାବ ଦେଇପାରିବୁ ନାହିଁ । ମାତ୍ର ଆମ୍ଭେମାନେ ନିର୍ମାଲ୍ୟ ଛୁଇଁ କହିପାରୁ, ଗ୍ରାମରେ ଯେଉଁ ସ୍ତ୍ରୀମାନେ ସନ୍ତାନବତୀ ହୋଇଅଛନ୍ତି , ପ୍ରଥମେ ବିହାହ ସମୟରେ ବନ୍ଧ୍ୟାଥିଲେ ସେମାନେ ପୂର୍ବେ ବୋଲିଅଛୁ; ଦୀଘିକୁ ଯିବାପାଇଁ ଠାକୁରାଣୀଙ୍କ ଆଗରେ

ଗୋଟିଏ ବାଟ ଅଛି। ଗ୍ରାମର ମାଇକିନିଆମାନେ ସେହିବାଟେ ଯିବାଆସିବା କରନ୍ତି । ଗୋଟିଏ ସ୍ତ୍ରୀ ବୟସ ଅନ୍ଦାଜ ୩୦ ହେବ, ପ୍ରତିଦିନ ସ୍ନାନ କରିଆସି କାଖରୁ ମାଠିଆଟି ଓହ୍ଲାଇ ଠାକୁରାଣୀଙ୍କ ଆଗରେ ଥୋଇଦିଏ, ପହଁରାରେ ଦେବୀଙ୍କ ଆଗଟି ପହଁରିଦେଇ ମାଠିଆରୁ ପୋଷେ ପାଣି ନେଇ ଠାକୁରାଣୀ ଗଛମୂଳେ ଦିଏ ଓ ଭୂଇଁରେ ମୁଣ୍ଡିଆ ମାରି ତୁନି ତୁନି କ'ଣ ଜଣାଏ ଏବଂ ପ୍ରତିଦିନ ସଞ୍ଜବେଳେ ଗୋଟିଏ ବଳିତା ଜାଳିଆଣି ଠାକୁରାଣୀ ସ୍ଥାନରେ ସଞ୍ଜଦିଏ ଏବଂ କ'ଣ ପ୍ରାର୍ଥନା କରେ । ଏହିପରି କରୁଥିବାର ଛମାସ ହେଲା ଲୋକମାନେ ଦେଖି ଆସୁଛନ୍ତି । ତାହା ମନର କଥା କେହି ଜାଣେ ନାହିଁ, କାରଣ ସେ ସ୍ତ୍ରୀ ବଡ ଲାଜକୁଳୀ, ସବୁବେଳେ ଓଢ଼ଣା ପକାଇଥାଏ, କାହାରି ସହିତ ମିଶେ ନାହିଁ, କାହାରି ସହିତ କଥା କହେ ନାହିଁ ।

ଗ୍ରାମରୁ ଗୋରୁଜଗା ପିଲାମାନେ ଖରାବେଳେ ପଡିଆରେ ଗୋରୁ ଛାଡିଦେଇ ଠାକୁରାଣୀଙ୍କ ନିକଟ ଗଛମୂଳେ ଖେଳନ୍ତି , ହଠାତ୍ ଖେଳ ଛାଡି ପାଞ୍ଚଣ ଧରି ସମସ୍ତେ ଘେରି ଛିଡା ହୋଇଗଲେ । ସେମାନଙ୍କ ଦେଖାଦେଖି ଗ୍ରାମର ୧୦। ୧୫ ଜଣ ଲୋକ ରୁଣ୍ଡ ହୋଇଗଲେ। କାଲିତ ପୂଜା ହୋଇନାହିଁ, ଠାକୁରାଣୀଙ୍କ ଠାରେ ପୂଜାସରଞ୍ଜାମ କାହୁଁ ପଡିଲା ? ମନ୍ଦାର ଫୁଲ, ଶତବର୍ଗ ଫୁଲର ମାଳ, ଖଇ, ଉଖୁଡା ଚାରିଆଡେ ବୁଣି ପଡିଅଛି, ଠାକୁରାଣୀ ଦେହରେ ତଟକା ହଳଦୀ ଲାଗିଅଛି । ଠାକୁରାଣୀ ପୂଜା ଗ୍ରାମ ମଧ୍ୟରେ ଗୋଟିଏ ବିଶେଷ ଘଟଣା । ଭେଦା ହୁଏ, ବାଇଦ ବାଜେ, ଗ୍ରାମର ସମସ୍ତେ ଦେଖିବାକୁ ଆସନ୍ତି । ପୂଜା ସନ୍ଧ୍ୟା ସମୟରେ ହୁଏ, ମାନସିକ ପୂଜା ମଧ୍ୟ ସେହିପରି ହୁଏ । କାହିଁ, କାଲି ତ ବାଇଦ ବାଜି ନାହିଁ, ସଞ୍ଜବେଳେ ପୂଜା ହୋଇନାହିଁ , ଏସବୁ କାହୁଁ ଅଇଲା ? ଗୋଟାଏ ପିଲା ଡକାପଡି କହିଲା, 'ଏଟା କ'ଣ, ଏଟା କ'ଣ ? ସମସ୍ତେ ଧାଇଁଯାଇ ଦେଖିଲେ , ଠାକୁରାଣୀ ପଛରେ ଭାରି ଗୋଟିଏ ବିଳ । ବିଳମୁହଁ ଠାକୁରାଣୀ ମଣ୍ଡପଠାରୁ ତିନି ହାତ ଦୂରରେ । ତାହାର ମୁହଁଟା ଖୁବ୍ ବଡ , ଜଣେ ମନୁଷ୍ୟ ଯାଇ ବସିପାରେ । ଗାଁ ଯାକ ଏ କଥା ଖେଳିଗଲା । ଲୋକମାନେ ଦେଖିବାକୁ ଧାଇଁଲେ, ମଙ୍ଗରାଜେ ମଧ୍ୟ ଶୁଣିପାରି ଧାଇଁଅଇଲେ । ନାନା କଥା ହୋଇ ଶେଷରେ ସ୍ଥିର ହେଲା, କୌଣସି ଭକ୍ତର କଷ୍ଟ ଫେଡିବା ନିମନ୍ତେ ଠାକୁରାଣୀ

କାଲି ନିଶାଭାଗ ରାତିରେ ବିଜେ ହୋଇଥିଲେ । ବିଲଟା ତାଙ୍କ ବାଘ ଖୋଳିପକାଇଛି । ମଙ୍ଗରାଜେ କହିଲେ ''ଏହି ବିଳ ମଧ୍ୟରେ ବର୍ତ୍ତମାନ ବାଘ ଥିବାର ଜଣାଯାଉଅଛି । ''ବାଘ ନାମ ଶୁଣି ସମସ୍ତେ ପଳାଇଲେ । ଶେଷରେ ମଙ୍ଗରାଜେ ରାମା ମୁହକୁ ଚାହିଁ ଚାହିଁ ଚାଲିଗଲେ । ବୋଧ କରୁ, ଏହା କିଛି କାର୍ଯ୍ୟର ସାଙ୍କେତିକ ଚିହ୍ନ । ତହିଁଆରଦିନ ଆଉ କେହିବିଳ ଦେଖିଲେ ନାହିଁ । ଏହି କଥାଟା ଗ୍ରାମରେ ଅନେକ ଦିନ ପର୍ଯ୍ୟନ୍ତ ଆଲୋଚନା ହେଲା । ଭୀମା ମା ଭଣ୍ଡାରୁଣୀ କହିଲା, '' ମୋର ବୟସ ସାତଗଣ୍ଡା କି ଦେଢ଼ପଣ କି ଚାରିପଣ ହେଲାଣି, ଗ୍ରାମର ଯେତେ ବୁଢା ଦେଖିଛ , ମୁଁ ସମସ୍ତଙ୍କୁ ବିଭା କରାଇଅଛି, ସମସ୍ତେ ମୋ ଆଗରେ ପିଲା । ମୁଁ ନିଜ ଆଖିରେ ଠାକୁରାଣୀ ଏଥରକୁ ଲଗାଇ ଚାରିଥର ଦେଖିଲିଣି । କାଲି ନିଶାଭାଗ ରାତିରେ ବାହାରକୁ ଉଠିଥିଲି, ଗୋହିରୀ ମଝିରେ ଝୁଣାଗନ୍ଧ ଆସିଲା, ଝମର ଝମର ଶୁଭିଲା। ଅନାଇଲି, ବାଘ ଉପରେ ବସି ଠାକୁରାଣୀ ବିଜେ ହେଉଛନ୍ତି । ବାପରେ!ସେ ବାଘଟା କେଡେ ! ମୁଁ କେତେ ବାଘ ଦେଖିଛି, ଏବେ ବଡ ବାଘ କାହିଁ ଦେଖିବାର ନାହିଁ । ତା'ର ଲମ୍ବଟା ସାତ କି ଆଠହାତ ହେବ । ମୁଣ୍ଡଟା ବଡପଣ୍ଡା ମୁଣ୍ଡପରି ତ୍ରିପଣ୍ଡ କଳା । ବାଘଟି ମୋ ଆଡକୁ ତରାଟି ଚାହିଁଲା । ମୁଁ ତ ଡରରେ ତାଟି କିଳିପକାଇଲି। ''ଅଧରାତିରେ ଦାଣ୍ଡରେ ବାଘ ଚାଲିବା ଶବ୍ଦ ଶୁଣିବାର ଆହୁରି ମଧ୍ୟ ଚାରି-ପାଞ୍ଚ ବୁଢ଼ା ମନୁଷ୍ୟ ସାକ୍ଷ୍ୟ ଦେଲେ । ସକାଳେ ବାଘ ଖୋଜ ରାମା ତନ୍ତୀ ଦେଖିଥିବାର ଦୃଢ ରୂପେ କହିଲା । ଠାକୁରାଣୀ ଆସିଥିବାର ନିଃସନ୍ଦେହରେ ସ୍ଥିର ହେଲା ।

--o--